# ବଜ୍ରପାତରେ ୬ ମୃତ

**ବୁଗୁଡା, ଟିକିଟି, ଫୁଲବାଣୀ, ଚକାପାଦ, ୧ ।୬/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ବଜ୍ରପାତ ଘଟି ୬ଜଣଙ୍କ ମୃତ୍ୟୁ ହୋଇଛି । ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ତାକରଡ଼ା ଗ୍ରାମର ନୀଳାଞ୍ଚଳ ଆଇଟିଆ, ସନ୍ତୋଷ ଗୌଡ଼ ଓ ବଳରାମ ଗୌଡ଼ ଅପରାହ୍ନରେ ବର୍ଷା ହେବାରୁ ଡେଙ୍ଗାବାଡ଼ି ଗ୍ରାମର ଏକ ଦୋକାନ ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ଘଟିଥିଲା । ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ସେମାନଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ । ବଳରାମଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେହିଭଳି ବୁରୁଖଲା ଗ୍ରାମର ସୀମାଞ୍ଚଳ ପ୍ରଧାନଙ୍କ ମଧ୍ୟ ବଜ୍ରାଘାତରେ ମୃତ୍ୟୁ ହୋଇଛି । ସେ ନିଜ ଝିଅର ଶାଶୁଘର ନାଗିରି ଗ୍ରାମକୁ ଯାଇ ଫେରୁଥିବା ବେଳେ ରାସ୍ତାରେ ବଜ୍ରାଘାତ ହୋଇଥିଲା । ସେହିପରି କେ.ନୂଆଗାଁ ଥାନା ▶▶ ୨